# ମହାପାତ୍ର ନୀଳମଣି ସାହୁ

ଜନ୍ମ: (୧୯୨୬-   ) ମସିହା

ଓଡ଼ିଶାର ଘରେ ଘରେ ସୁପରିଚିତ ଓ ସୁସମାଦୃତ ମହାପାତ୍ର ନୀଳମଣି ସାହୁ କେବଳ ଜଣେ ବିଶିଷ୍ଟ କଥାଶିଳ୍ପୀ ବା ସାହିତ୍ୟିକ ନୁହନ୍ତି - ସେ ସ୍ୱୟଂ ଜଣେ ଚିନ୍ତାନାୟକ ଓ ନାନାଦି ଭାବ ଓ ରସରେ ସିଦ୍ଧ ଜଣେ ପ୍ରାଣବନ୍ତ ବିଦଗ୍ଧ ପୁରୁଷ । ତାଙ୍କର ସହିତ୍ୟରେ ଶୃଙ୍ଗାର, ହାସ୍ୟ, କରୁଣାଦି ନବରସକର ସୁସମନ୍ୱିତ ସମାବେଶ ହୋଇଥାଏ । ଓଡ଼ିଶା ସାହିତ୍ୟ ଏକାଡ଼େମୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ସାରଳା ପୁରସ୍କାର ସମେତ ବହୁ ପୁରସ୍କାର ସମ୍ମାନ ବିଜେତା ଏହି ମହାନ୍ ବ୍ୟକ୍ତିଙ୍କର ପୂର୍ବାହ୍ନ ଠାରୁ ପରାହ୍ନ ଅଧିକ ଦୀପ୍ତିମନ୍ତ । ତାଙ୍କ ପୁସ୍ତକ -

**କିଛି କବିତା କିଛି କବିତାଭଳି,** ପୃଷ୍ଠା-...... , ପ୍ରକାଶ କାଳ- ୨୦୧୦, ମୂଲ୍ୟ: ୧୫୦/-

ବିଶିଷ୍ଟ ଓ ବହୁଦର୍ଶୀ ଲେଖକ ମହାପାତ୍ର ନୀଳମଣି ସାହୁଙ୍କ ଲିଖିତ ''କିଛି କବିତା ଓ କିଛି ଅକବିତା'' ପୁସ୍ତକଟିରେ ଅନେକ ସୁନ୍ଦର କବିତା ଅଛି । ସେଗୁଡ଼ିକର ରଚାନଶୈଳୀ ଯେପରି ଚମତ୍କାର - ସେଗୁଡ଼ିକରେ ନିହିତ ଭାବ ଓ ରସ ଯେପରି ଗଭୀର ସେହିପରି ହୃଦୟସ୍ପର୍ଶୀ ଏବଂ ସେ ଯେଉଁ ଲେଖାଗୁଡ଼ିକୁ "ଅକବିତା' କହୁଛନ୍ତି - ସେଗୁଡ଼ିକ ମଧ କବିତା ଭଳି ଓ ସମାନ ଭାବେ ମନ ଓ ହୃଦୟସ୍ପର୍ଶୀ । କିନ୍ତୁ ଲେଖକଙ୍କ ମତରେ ସେଗୁଡ଼ିକୁ କବିତା ନକହି "କବିତାଭଳି' କହିବା ଆହୁରି ସମୀଚୀନ ହେବ । ଏ ପୃଥିବୀରେ ଅନେକ ମୁଣ୍ଡିଆ ଦିଶନ୍ତି ପାହାଡ଼ ଭଳି । କିନ୍ତୁ ପାହାଡ଼ ନୁହନ୍ତି । ଅନେକ ପୁଷ୍କରିଣୀ ଦିଶନ୍ତି ହ୍ରଦ ଭଳି - କିନ୍ତୁ ହ୍ରଦ ନୁହନ୍ତି । ଅନେକ ପୁରୁଷ ଦିଶନ୍ତି ନାରୀ ଭଳି - କିନ୍ତୁ ନାରୀ ନୁହନ୍ତି ।

ଆମେ କିନ୍ତୁ ନିଶ୍ଚିତ ଭାବେ ଜାଣୁ ଯେ-ମହାପାତ୍ର ନୀଳମଣିଙ୍କର ଏହି ଲେଖା ଗୁଡ଼ିକ ପାଠକଲେ - ପାଠକ ତାଙ୍କର ସାରସ୍ୱତ ବ୍ୟକ୍ତିତ୍ୱର ରସାଳ ବୈଚିତ୍ର୍ୟ ଅନୁଭବ କରିବ ଓ ଆମୋଦିତ ହେବ । କହିବା ବାହୁଲ୍ୟ ଯେ ଏହି ପୁସ୍ତକଟି ମହାପାତ୍ର ନୀଳମଣିଙ୍କର ବିଜ୍ଞ ମନ ଓ ବିଦଗ୍ଧ ହୃଦୟର ଉଜ୍ଜ୍ୱଳ ପରିଚୟ ଦିଏ ।